# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 3 September – 2026

**********************************

## ମୁଖ୍ୟ ସମ୍ବାଦ

- ଆସନ୍ତା ୨୨ ତାରିଖରୁ ଆରମ୍ଭ ହେବ ରାଜ୍ୟ ବିଧାନସଭାର ସପ୍ତମ ଅଧିବେଶନ
- ଭୋଟର ତାଲିକାରେ ତ୍ରୁଟି ସଂଶୋଧନ ଲକ୍ଷ୍ୟରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଆରମ୍ଭ ହେଲା ପାଇଲଟ ସର୍ଭେ
- ରାଜ୍ୟରେ ଥିବା ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇବା ପରେ ବନ୍ୟା ସ୍ଥିତିରେ ସୁଧାର ଆସିଥିବା ଜଳସମ୍ପଦ ବିଭାଗର ସୂଚନା

ଏବଂ

- ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଜନ୍ମାଷ୍ଟମୀ ଅବସରରେ ଅନୁଷ୍ଠିତ ହେବ ସ୍ୱତନ୍ତ୍ର ନୀତିକାନ୍ତି

Desk

## ବିଧାନସଭା ଅଧିବେଶନ

ରାଜ୍ୟ ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ ଚଳିତ ମାସ ୨୨ ତାରିଖରୁ ଆରମ୍ଭ ହେବ। ବିଧାନସଭା ସଚିବାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିତ ଅନୁଯାୟୀ, ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଧିବେଶନ କାଳରେ ୮ଟି ସରକାରୀ ଓ ଗୋଟିଏ ବେସରକାରୀ କାର୍ଯ୍ୟ ଦିବସ ରହିବ। ସରକାରୀ ଛୁଟି ଯୋଗୁଁ ତିନିଦିନ ଗୃହ କାର୍ଯ୍ୟ ବନ୍ଦ ରହିବ ବୋଲି ଜଣାପଡ଼ିଛି। ଏହି ଅଧିବେଶନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବାର ସମ୍ଭାବନା ରହିଛି।

Kendrapada/BBSR/R

## ଭୋଟର ତାଲିକା ସଂଶୋଧନ

ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ସ୍ୱଚ୍ଛ ଓ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟର ତାଲିକାରେ ଥିବା ତ୍ରୁଟିକୁ ସଂଶୋଧନ କରିବା ଲକ୍ଷ୍ୟରେ ବିଶେଷ ପାଇଲଟ ସର୍ଭେ ଅଭିଯାନ ଆଜିଠାରୁ ଭୁବନେଶ୍ୱର ମହାନଗର ନିଗମ– ବିଏମ୍‌ସି’ରେ ଆରମ୍ଭ ହୋଇଛି। ବିଏମ୍‌ସି ଅଧୀନରେ ଥିବା ତିନୋଟି ବିଧାନସଭା କ୍ଷେତ୍ରରେ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀ– ବିଏଲ୍‌ଓ’ମାନେ ଘରକୁ ଘର ଯାଇ ସର୍ଭେ କରିବେ। ତେବେ ଆସନ୍ତା ଅକ୍ଟୋବର ମାସ ୨୬ ତାରିଖରୁ ନଭେମ୍ବର ମାସ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏହି ସର୍ଭେ କାର୍ଯ୍ୟକୁ ଆରମ୍ଭ କରାଯିବ। ସର୍ଭେ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରି ପୂର୍ଣ୍ଣ

ସହଯୋଗ କରିବାକୁ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ନେଇ ଆଜି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରାଜନୈତିକ ଦଳଗୁଡ଼ିକର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭୋଟର ତାଲିକାର ନାମ ଯୋଗ, ବାଦ ଓ ସଂଶୋଧନ ନେଇ ରାଜନୈତିକ ଦଳ ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା ।

Desk

## ଇଡ୍‌କୋ ଜମିବଣ୍ଟନ

ରାଜ୍ୟରେ ଶିଳ୍ପ ବିକାଶକୁ ଅଧିକ ଗତିଶୀଳ କରିବା ଏବଂ ନିବେଶକଙ୍କ ପାଇଁ ବ୍ୟବସାୟିକ ସୁଗମତା ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ– ଇଡ୍‌କୋ’ର ଜମିବଣ୍ଟନ କମିଟି ୩୭ଟି ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ କରିଛି । ଇଡ୍‌କୋ ଅଧ୍ୟକ୍ଷ ଉଷା ପାଢ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କମିଟିର ବୈଠକରେ ଅନୁମୋଦିତ ପ୍ରସ୍ତାବ ମଧ୍ୟରେ ବୃହତ ଶିଳ୍ପ ପ୍ରକଳ୍ପ ପାଇଁ ୨୪ଟି ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ୧୩ଟି ଜମି ପ୍ରସ୍ତାବ ସାମିଲ ରହିଛି । ଏହାଦ୍ୱାରା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ ହେବା ସହ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ବୃଦ୍ଧି, ଆଞ୍ଚଳିକ ଶିଳ୍ପ ବିକାଶ ଏବଂ ଯୋଗାଣ ଶୃଙ୍ଖଳକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ଇଡ୍‌କୋ ପକ୍ଷରୁ କୁହାଯାଇଛି ।

Nabarangpur/HS

## ଜଳସ୍ତର ହ୍ରାସ

ରାଜ୍ୟରେ ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ହ୍ରାସ ପାଇବା ଫଳରେ ବନ୍ୟା ସ୍ଥିତିରେ ସୁଧାର ଆସିଛି ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି। ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଆହୁରି ୩ରୁ ୪ ଦିନ ଲାଗି ରହିବ ବୋଲି ଶ୍ରୀ ରାଉତ କହିଛନ୍ତି।

**- V/O -**

ପ୍ରଭାବିତ ଅଞ୍ଚଳଗୁଡ଼ିକରେ ରିଲିଫ କାର୍ଯ୍ୟ ଜାରି ରହିଛି। ବିଶେଷ କରି ଯାଜପୁର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଲୋକମାନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ସୂଚନା ଅନୁଯାୟୀ, ଯାଜପୁର ଜିଲ୍ଲାର ୧୯ଟି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୬୨ଟି ଗାଁ ପ୍ରଭାବିତ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ୫୩ଟି ଗ୍ରାମ ପଞ୍ଚାୟତର ୯୭ଟି ଗାଁ ଓ ୨ଟି ୱାର୍ଡ ପ୍ରଭାବିତ ହୋଇଛି।  ଯାଜପୁରରେ କେମିତି ରହିଛି ପରିସ୍ଥିତି ସେ ସମ୍ପର୍କରେ ଆମ ସମ୍ବାଦଦାତାଙ୍କ ଏକ ରିପୋର୍ଟ...

**- V/O -**

ବାଲେଶ୍ୱର ଜିଲ୍ଲାର ୪୧ଟି ଗ୍ରାମ ପଞ୍ଚାୟତର ୨୧୪ଟି ଗାଁ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ବାଲେଶ୍ୱର ଜିଲ୍ଲାରେ ସର୍ବାଧିକ ୭୨ଟି ରିଲିଫ ଶିବିରରେ ୩୫ ହଜାର ୭୪୦ ଜଣଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ଆଜି ମଧ୍ୟାହ୍ନ ସୁଦ୍ଧା ବାଲେଶ୍ୱର ରାଜଘାଟଠାରେ ସୁବର୍ଣ୍ଣରେଖାର ଜଳସ୍ତର ୧୦ ଦଶମିକ ୮/୪ ମିଟର ରେକର୍ଡ କରାଯାଇଥିବା ବେଳେ ଏହା ହ୍ରାସ

ପାଉଥିବା ଜଣାପଡ଼ିଛି। ସରକାରୀ ସୂଚନା ଅନୁଯାୟୀ, ପ୍ରଭାବିତ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ରିଲିଫ ଓ ସହାୟତା କାର୍ଯ୍ୟ ଜାରି ରହିବ।

ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାର ଜଳସ୍ତର ୬୨୭ ଦଶମିକ ୫/୨ ଘନଫୁଟ ରହିଛି। ଜଳଭଣ୍ଡାରର ୭ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସନ ହେଉଛି।

ଲଗାଣ ବର୍ଷା ଯୋଗୁଁ ନବରଙ୍ଗପୁର ଜିଲ୍ଲାସ୍ଥିତ ଇନ୍ଦ୍ରବାତୀ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଉଛି। ଏବେ ଜଳସ୍ତର ୬୪୦ ମିଟର ରହିଥିବା ବେଳେ ଏହା ୬୪୦ ଦଶମିକ ୫ ମିଟରରେ ପହଁଞ୍ଚିବା ପରେ ଗେଟ୍ ଖୋଲାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରାକ୍ ପ୍ରସ୍ତୁତି ସ୍ୱରୂପ ଆଜି ୭ଟି ଗେଟ୍ ମଧ୍ୟରୁ ପରୀକ୍ଷାମୂଳକ ଭାବେ ୪୦ ମିନିଟ ପାଇଁ ୪ ନମ୍ବର ଗେଟ୍ ଖୋଲା ଯାଇଥିଲା।

Puri

## କୃଷ୍ଣ ଜନ୍ମନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ଭାଦ୍ରବ କୃଷ୍ଣ ଅଷ୍ଟମୀ ତିଥିରେ କୃଷ୍ଣ ଜନ୍ମନୀତି ଅନୁଷ୍ଠିତ ହେବ। ଏହି ତିଥିରେ ପ୍ରଭୁ ଶ୍ରୀକୃଷ୍ଣ ଧରାବତରଣ କରିବାର ପରମ୍ପରାକୁ ଅନୁକରଣ କରି ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ହେବ। ବିଶେଷ କରି ଶ୍ରୀକୃଷ୍ଣଙ୍କ ଜନ୍ମନୀତି ବିଧି ଅନୁସାରେ ଶ୍ରୀମନ୍ଦିରରେ ସନ୍ଧ୍ୟା ଧୂପ ଶେଷ ହେବାପରେ କୃଷ୍ଣ ଜନ୍ମନୀତି ଆରମ୍ଭ କରାଯିବ। ମହାଜନ ସେବାୟତ, ଦେବକୀ ଓ ବସୁଦେବ ବେଶରେ ଉପସ୍ଥିତ ରହି

ନିଶାନ୍ଧରେ ଏହି ଜନ୍ମନୀତି ସମ୍ପାଦନ କରିବା ସହ ନାଭିକଟା ମଣ୍ଡପରେ ପରମ୍ପରା ଅନୁଯାୟୀ ବିଶେଷ ପୂଜାବିଧି କରିବେ। ଶ୍ରୀକୃଷ୍ଣ ଜନ୍ମନୀତି ପାଇଁ ଆସନ୍ତାକାଲି ସନ୍ଧ୍ୟା ୭ଟାରୁ ରାତ୍ର ୧୨ ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

Desk

## ପୋଷଣ ଅଭିଯାନ

କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ପୋଷଣ ଅଭିଯାନ ସମ୍ପର୍କିତ କର୍ମଶାଳା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ହୋଇଯାଇଛି। କର୍ମଶାଳାରେ କାର୍ଯ୍ୟକ୍ଷେତ୍ରରେ ଲିଙ୍ଗଗତ ସମାନତା ଓ ସୁରକ୍ଷିତ ପରିବେଶର ଗୁରୁତ୍ୱ ସହିତ ସନ୍ତୁଳିତ ପୋଷଣ ଓ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି ଓ ଜ୍ଞାନ ଆଦାନ ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା।  ଲିଙ୍ଗଗତ ନ୍ୟାୟ ଉଭୟ ପୁରୁଷ ଓ ମହିଳାଙ୍କ ସମାନ ଅଧିକାର, ସୁଯୋଗ, ସମ୍ମାନ ସହ ଜଡ଼ିତ ବୋଲି ପତ୍ର ସୂଚନା କାର୍ଯ୍ୟାଳୟ ଏବଂ କେନ୍ଦ୍ରୀୟ ସଂଚାର ବ୍ୟୁରୋର  ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଥିଲେ। କର୍ମଶାଳାରେ ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ କୁମାର ମର୍କାପ' ଗର୍ଭବତୀ ଓ ପ୍ରସୂତିଙ୍କ ପୋଷଣ ପ୍ରତି ବିଶେଷ ଯତ୍ନନେବା ସହ ଜୀବନର ପ୍ରଥମ ହଜାର ଦିନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ବୈଷୟିକ ଅଧିବେଶନରେ ପୋଷଣ ଓ ସୁସ୍ଥ ଜୀବନଶୈଳୀ ଉପରେ

ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ସିବିସି, ପିଆଇବିର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

Malkangiri

## ସଡ଼କ ସୁରକ୍ଷା ସଚେତନତା

ମାଲକାନଗିରି ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶିକ୍ଷାନୁଷ୍ଠାନ ମୁଖ୍ୟମାନଙ୍କ ତତ୍ତ୍ୱାବଧାନରେ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଜନସାଧାରଣଙ୍କ ମଧ୍ୟରେ ସଡ଼କ ସୁରକ୍ଷା ନିୟମ ସମ୍ପର୍କରେ ଅବଗତ କରାଯାଇଛି।

Nuapada

## ରାଷ୍ଟ୍ରୀୟ ଲୋକ ଅଦାଲତ

ନୂଆପଡ଼ା ଜିଲ୍ଲା କୋର୍ଟ ସମେତ କୋମନା, ଖଡ଼ିଆଳ, ସିନାପାଲି ଓ ବୋଡେନ କୋର୍ଟରେ ଆସନ୍ତା ୧୨ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ପ୍ରକାରର ବିଚାରାଧୀନ ମୋକଦ୍ଦମାଗୁଡ଼ିକର ଆପୋଷ ସମାଧାନ କରାଯିବ।

Malkangiri

## ବାର୍ଷିକ ଯାଞ୍ଚ

ମାଲକାନଗିରି ଜିଲ୍ଲାପାଳ ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟଗୁଡ଼ିକର ବାର୍ଷିକ ଯାଞ୍ଚ କାର୍ଯ୍ୟ ସମ୍ପାଦନ କରିଛନ୍ତି। ମାଲକାନଗିରି ବ୍ଲକ ଅନ୍ତର୍ଗତ ବୀରଲକ୍ଷ୍ମଣପୁର ଗ୍ରାମପଞ୍ଚାୟତ, ପାଙ୍ଗାମ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଏବଂ ମାଥିଲି ଥାନା ପରିଦର୍ଶନ କରି

ଜିଲ୍ଲାପାଳ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଓ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସେବାର ଗୁଣବତ୍ତା ନିରୀକ୍ଷଣ କରିଥିଲେ।

Malkangiri

## ସଚେତନତା ସଭା

ମାଲକାନଗିରି ମହାବିଦ୍ୟାଳୟରେ ଯୁବ ରେଡକ୍ରସ ୟୁନିଟ୍ ପକ୍ଷରୁ ଏଚ୍.ଆଇ.ଭି. ଏଡ୍ସ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚିକିତ୍ସା ବିଶେଷଜ୍ଞ ଓ ରେଡକ୍ରସ କର୍ମୀ ଯୋଗଦେଇ ଏଚ୍.ଆଇ.ଭି. ସଂକ୍ରମଣର କାରଣ, ନିରାକରଣ ଓ ସମାଜରେ ଏଡ୍ସ ଆକ୍ରାନ୍ତ ପ୍ରତି ହେଉଥିବା ଭେଦଭାବ ଦୂର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

Desk

## ସବୁଜ ଅର୍ଥନୀତି ବିକାଶ

ରାଜ୍ୟର ସବୁଜ ଅର୍ଥନୀତି ବିକାଶ ଆଗାମୀ ୧୦ ବର୍ଷରେ  ୧୦ ଲକ୍ଷ ପର୍ଯ୍ୟନ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ। ଏଥିପାଇଁ ଦକ୍ଷ ଶ୍ରମ ଶକ୍ତି ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବା ସହ ଓଡ଼ିଶା ଗ୍ରୀନ୍ ଜବ୍ସ ଆଣ୍ଡ ସ୍କିଲିଂ ମିଶନ ଆରମ୍ଭ କରିବାକୁ ଇଣ୍ଟରନ୍ୟାସନାଲ ଫୋରମ୍ ଫର ଏନ୍ଭାରମେଣ୍ଟ, ସଷ୍ଟେନବିଲିଟି ଆଣ୍ଡ ଟେକ୍ନୋଲୋଜି– ଆଇଫରେଷ୍ଟ ପକ୍ଷରୁ ସୁପାରିସ କରାଯାଇଛି। ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଆଇ ଫରେଷ୍ଟ ପକ୍ଷରୁ ଓଡ଼ିଶାର ସବୁଜ ଅର୍ଥନୀତି ପାଇଁ ଶ୍ରମ ଶକ୍ତି– ନିଯୁକ୍ତି, ଦକ୍ଷତା ଓ ଉଦ୍ୟୋଗର ସମ୍ଭାବନା ଶୀର୍ଷକ ରିପୋର୍ଟ ପ୍ରକାଶ ପାଇଛି। ଏଥିରେ ସରକାର, ଶିଳ୍ପ, ପ୍ରଶିକ୍ଷଣ, ସାମାଜିକ କ୍ଷେତ୍ରର ପ୍ରତିନିଧିମାନେ ଯୋଗ ଦେଇଥିଲେ। ରିପୋର୍ଟ

ଅନୁଯାୟୀ, ୨୦୩୦ ମସିହା ସୁଦ୍ଧା ନବୀକରଣ ଯୋଗ୍ୟ ଶକ୍ତି କ୍ଷେତ୍ରରୁ ପ୍ରାୟ ୩୦ ହଜାର ଏବଂ ୨୦୩୫ ମସିହା ସୁଦ୍ଧା ଏହାର ଦ୍ୱିଗୁଣ ନିଯୁକ୍ତି ସୃଷ୍ଟି ହୋଇପାରେ। ମଞ୍ଜୁର ହୋଇଥିବା ସବୁଜ ନିବେଶ ପ୍ରକଳ୍ପରୁ ୪୮ ହଜାର ୪୦୦ରୁ ଊର୍ଦ୍ଧ୍ୱ ନିଯୁକ୍ତିର ସମ୍ଭାବନା ରହିଛି। କୃଷି ବନୀକରଣ, ଜଙ୍ଗଲ ପରିଚାଳନା, ହେନ୍ତାଳ ବଣ ପୁନରୁଦ୍ଧାର ଓ ବର୍ଜ୍ୟବସ୍ତୁ ପରିଚାଳନା ମଧ୍ୟ ସବୁଜ ନିଯୁକ୍ତିର ବଡ଼ କ୍ଷେତ୍ର ହୋଇପାରିବ। ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ ଏଥିରେ ଯୋଗଦେଇ ସବୁଜ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ମତ ରଖିଥିଲେ।

Desk

# ବ୍ୟାଡମିଣ୍ଟନ

ଭୁବନେଶ୍ୱର ପୋଖରୀପୁଟ ଇନ୍‌ଡୋର ଷ୍ଟାଡିୟମଠାରେ ଆଜିଠାରୁ ପୂର୍ବାଞ୍ଚଳ ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆରମ୍ଭ ହୋଇଛି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ଓଡ଼ିଶା ସମେତ ୬ଟି ରାଜ୍ୟର ୨୨୦ରୁ ଊର୍ଦ୍ଧ୍ୱ ଖେଳାଳି ଯୋଗ ଦେଇଛନ୍ତି । ଏଥିରେ ବରିଷ୍ଠ ଓ କନିଷ୍ଠ ବିଭାଗରେ ବିଭିନ୍ନ ଏକକ, ଯୁଗଳ ଓ ମିଶ୍ରିତ ବର୍ଗରେ ପ୍ରତିଯୋଗିତାମାନେ ଆୟୋଜିତ ହେଉଛି।